Teachingninja.in

Latest Govt Job updates

Private Job updates

Free Mock tests available

Visit - teachingninja.in

# OTET

## Previous Year Paper

### (Social Studies) Paper-II

### 01 July, 2023

Teachingninja.in

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ ଉତ୍ତରଟିକୁ ବାଛି OMR ଫର୍ଦ୍ଦରେ ସଂଯୁକ୍ତ ବୃତ୍ତଟିକୁ ନୀଳ / କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ନୀଳ / କଳା କର ।

**Each question has four alternatives. Choose the correct answer from among them and darken the appropriate circle completely in the OMR Sheet with Blue / Black ball point pen only.**

## ଶିଶୁ ବିକାଶ ଓ ଶିକ୍ଷା ବିଜ୍ଞାନ

## CHILD DEVELOPMENT & PEDAGOGY

1. ବୌଦ୍ଧିକ ବିକାଶର ପରିମାପ ନିମ୍ନୋକ୍ତ କେଉଁ ପରୀକ୍ଷଣ ଦ୍ୱାରା କରାଯାଇପାରିବ ?
   (A) ରଚନାତ୍ମକ
   (B) ବସ୍ତୁନିଷ୍ଠ
   (C) ମୌଖିକ
   (D) ଉପରୋକ୍ତ ସମସ୍ତ

2. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଅଣପରୀକ୍ଷଣ ପଦ୍ଧତି ନୁହେଁ ?
   (A) ଆଗ୍ରହ ପରିମାପକ ସୂଚୀ
   (B) ଉପଯୋଜନ ପରିମାପକ ସୂଚୀ
   (C) ନିର୍ଦ୍ଧାରଣ ମାପନ
   (D) କର୍ମକୁଶଳତା ପରୀକ୍ଷଣ

3. ସୁଲତାନ ନାମକ ସିମ୍ପାଞ୍ଜି ଉପରେ ଶିକ୍ଷଣ ସମ୍ବନ୍ଧୀୟ ପରୀକ୍ଷଣ କରିଥିବା ଜର୍ମାନ୍ ମନସ୍ତତ୍ତ୍ୱବିତ୍‌ଙ୍କ ନାମ କ'ଣ ଥିଲା ?
   (A) ଗେଷ୍ଟାଲଟ୍
   (B) ଥର୍ଣ୍ଡାଇକ୍
   (C) ୱାଟସନ୍
   (D) କୋହଲର୍

1. Measure of scholastic development can be done using which of the following test ?
   (A) Essay type
   (B) Objective
   (C) Oral
   (D) All of these

2. Which of the following is not a non-testing technique ?
   (A) Interest inventory
   (B) Adjustment inventory
   (C) Rating scale
   (D) Work skill test

3. What was the name of the German psychologist, who conducted his experiment on learning over a Chimpanzee named as Sultan ?
   (A) Gestalt
   (B) Thorndike
   (C) Watson
   (D) Kohler



Teachingninja.in

4. ନିମ୍ନସ୍ଥ ମଧ୍ୟରୁ କେଉଁଟି ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥାର ଏକ ବୈଶିଷ୍ଟ୍ୟ ନୁହେଁ ?

(A) ଏହା ଆନନ୍ଦଦାୟୀ ଓ କ୍ରୀଡ଼ା ସମନ୍ୱିତ ଅଟେ

(B) ଶିକ୍ଷାର୍ଥୀ ନିଜେ ଜ୍ଞାନର ନିର୍ମାଣ କରିଥାଏ

(C) ଶିକ୍ଷକଙ୍କ ସହଯୋଗରେ ଶିକ୍ଷାର୍ଥୀ ଶ୍ରେଣୀ କକ୍ଷରେ ସକ୍ରିୟ ଥାଏ

(D) ଏହା ଏକ ପୂର୍ବ ନିର୍ଦ୍ଧାରିତ ପନ୍ଥା ଅଟେ

5. ଉତ୍ତମ ପ୍ରଶ୍ନ ଗଠନ କରିବା ନିମନ୍ତେ କେଉଁ ବୈଶିଷ୍ଟ୍ୟ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ ?

(A) ସ୍ୱଷ୍ଟତା

(B) ନିର୍ଦ୍ଦିଷ୍ଟତା

(C) ପ୍ରାସଙ୍ଗିକତା

(D) ଉପରୋକ୍ତ ସମସ୍ତ

6. ଶୂନ୍ୟ ସ୍ଥାନ ପୂରଣ କର :

ଜ୍ଞାନର ପ୍ରତିଷ୍ଠା, ବିକାଶ ଓ ସଂପ୍ରସାରଣ ନିମନ୍ତେ ______________ ପ୍ରବେଶ ଦ୍ୱାର ସଦୃଶ ଅଟେ ।

(A) ବିଦ୍ୟାଳୟ

(B) ପରିବେଶ

(C) ପରିବାର

(D) ଇନ୍ଦ୍ରିୟାନୁଭୂତି

7. ଶିକ୍ଷଣ ନିମନ୍ତେ ଦାୟିତ୍ୱ ଗ୍ରହଣ ପାଇଁ ଜଣେ ଶିକ୍ଷାର୍ଥୀ ଯେତେବେଳେ ଉତ୍ସାହିତ ହୋଇଥାଏ, ତାହାକୁ କ'ଣ କୁହାଯାଏ ?

(A) ଶିକ୍ଷାର୍ଥୀ କେନ୍ଦ୍ରିକ

(B) ଶିକ୍ଷକ କେନ୍ଦ୍ରିକ

(C) ଶିକ୍ଷଣ କେନ୍ଦ୍ରିକ

(D) ପୁସ୍ତକ କେନ୍ଦ୍ରିକ

4. Which of the following is not a characteristics of child centred approach in teaching learning process ?

(A) It is joyful and game oriented

(B) Learner discovers knowledge

(C) With the teacher's effort learner becomes active inside the classroom

(D) It is a prescribed approach

5. To frame a model question, which characteristic should be taken care of ?

(A) Clarity

(B) Specificity

(C) Relevancy

(D) All of these

6. Fill in the blank :

_________ is/are the gateways to establish, develop and extension of knowledge.

(A) School

(B) Environment

(C) Family

(D) Senses

7. When a child is motivated to accept responsibility for learning is called

(A) Learner centred

(B) Teacher centred

(C) Learning centred

(D) Book centred



Teachingninja.in

8. ଗ୍ରାଫ୍ କେଉଁ ପ୍ରକାରର ଶିକ୍ଷଣ ଉପକରଣ ଅଟେ ?

(A) ଦୃଶ୍ୟ
(B) ଶ୍ରାବ୍ୟ
(C) ଦୃଶ୍ୟ ଶ୍ରାବ୍ୟ
(D) ସଂଗୃହୀତ

9. ନିମ୍ନସ୍ଥ କେଉଁ କାରକ ଏକ ପରୀକ୍ଷଣର ବିଶ୍ୱସ୍ତତାକୁ ପ୍ରଭାବିତ କରିଥାଏ ?

(A) ପ୍ରଶ୍ନପତ୍ରର ଶବ୍ଦବିନ୍ୟାସ
(B) ଭୌତିକ ପୃଷ୍ଠଭୂମି/ଗଠନ
(C) ଉତ୍ତରଦାତାଙ୍କ ମାନସିକ ଅବସ୍ଥା
(D) ଉପରୋକ୍ତ ସମସ୍ତ

10. କୌଣସି ତଥ୍ୟାବଳୀର ବିସ୍ତୃତି ବା ପରିବର୍ତ୍ତନଶୀଳ ଲବ୍ଧାଙ୍କର ପରିମାପକୁ କ'ଣ କୁହାଯାଏ ?

(A) ମାନ
(B) ବିଶ୍ୱସ୍ତତା
(C) ମାନକ ବିଚ୍ୟୁତି
(D) ବୈଧତା

11. ଅଣୁକୌଶଳ ଶିକ୍ଷାଦାନର ଜନକ କାହାକୁ କୁହାଯାଏ ?

(A) ବି. କେ. ପାସି
(B) ଡି. ଡବ୍ଲ୍ୟୁ. ଆଲେନ୍
(C) ଡି. ଡି. ତିୱାରି
(D) ପ୍ରେମ୍ ଛାବ୍ରା

8. Graphs are categorised under which group of learning materials ?

(A) Visual
(B) Audio
(C) Audiovisual
(D) Collected

9. Which of the following is a factor affecting reliability of a test ?

(A) The wording of the questions
(B) The physical setting
(C) The respondent's mood
(D) All of the above

10. The measure of the spread or variability of scores in a data is called as

(A) Norms
(B) Reliability
(C) Standard deviation
(D) Validity

11. Who is the father of micro-teaching ?

(A) B. K. Passi
(B) D. W. Allen
(C) D. D. Tiwari
(D) Prem Chhabra



Teachingninja.in

12. କେଉଁ ମନସ୍ତତ୍ତ୍ୱବିତ୍ କୈଶୋରମାନଙ୍କ କ୍ଷେତ୍ରରେ "ଝଡ଼ ଓ ମାନସିକ ଉତ୍ତେଜନା" ଶବ୍ଦ ଦ୍ୱୟ ଗଠନ କରିଥିଲେ ?

(A) କ୍ଲାର୍କ ହଲ୍

(B) କୋହଲବର୍ଗ

(C) ଷ୍ଟାନଲି ହଲ୍

(D) ବ୍ରୁନର

13. କାହା ମତରେ, "ମୂଲ୍ୟବୋଧ" ହେଉଛି ମନୁଷ୍ୟ ବ୍ୟକ୍ତିତ୍ୱର ଏକ ବଳବତ୍ତର ଆଗ୍ରହ ?

(A) ଆଲପୋର୍ଟ୍

(B) ପ୍ଲୁଟୋ

(C) ଯୋଶ ବିଲିଙ୍ଗ୍

(D) ମ୍ୟାକ୍ କ୍ଲାସ୍କି

14. ସୃଜନଶୀଳତାର ମୂଲ୍ୟାୟନ ପାଇଁ କିଏ ପ୍ରଥମେ ଏକ ପରୀକ୍ଷଣ ପ୍ରସ୍ତୁତ କରିଥିଲେ ?

(A) ଟ୍ରାଭରସ୍

(B) ଗିଲ୍‌ଫୋର୍ଡ

(C) ଟରାନସ୍

(D) ପାଇନା

15. ଗଠନମୂଳକ ମୂଲ୍ୟାୟନର ଉଦ୍ଦେଶ୍ୟ କ'ଣ ?

(A) କ'ଣ ପରିମାପନ କରାଯିବ ସ୍ଥିର କରିଥାଏ

(B) ପାଠ ଶେଷରେ ସଫଳତାର ହାର ନିର୍ଦ୍ଧାରଣ କରିବାକୁ

(C) ଶିକ୍ଷଣ ଅଗ୍ରଗତି ନିର୍ଦ୍ଧାରଣ କରିବାକୁ

(D) ଶିକ୍ଷଣ ଅସୁବିଧା ନିର୍ଣ୍ଣୟ କରିବାକୁ

12. Which psychologist coined the terms "Storms and Stress" in Adolescence ?

(A) Clark Hull

(B) Kohlberg

(C) Stanley Hall

(D) Bruner

13. According to whom, "value" in human life is a strong interest of human personality ?

(A) Allport

(B) Pluto

(C) Josh Billings

(D) Mack Claski

14. Who developed creativity test for the first time ?

(A) Travers

(B) Guilford

(C) Torrance

(D) Paina

15. What is the purpose of formative evaluation ?

(A) Decision of what to measure

(B) To assess achievement at the end of term

(C) To assess the progress of learning

(D) To find out learning difficulties



Teachingninja.in

16. ଶିକ୍ଷାର୍ଥୀର ଶିକ୍ଷଣ ଫଳାଫଳକୁ ମାପୁଥିବା ପରୀକ୍ଷଣକୁ କ'ଣ କୁହାଯାଏ ?

(A) ଉପଲବ୍ଧି ପରୀକ୍ଷଣ

(B) ବୁଦ୍ଧି ପରୀକ୍ଷଣ

(C) ଅଭିକ୍ଷମତା ପରୀକ୍ଷଣ

(D) ସୃଜନଶୀଳତା ପରୀକ୍ଷଣ

17. 25, 29, 25, 32, 24 ଓ x ର ମାଧ୍ୟମାନ 27 ହେଲେ, ମଧ୍ୟମା କେତେ ହେବ ?

(A) 32

(B) 27

(C) 26

(D) 25

18. ଏକ ତଥ୍ୟାବଳୀର ମାଧ୍ୟମାନ ଓ ଗରିଷ୍ଠକ ଯଥାକ୍ରମେ 4 ଓ 10 ହେଲେ, ମଧ୍ୟମା କେତେ ହେବ?

(A) 1.5

(B) 5.3

(C) 16

(D) 6

19. ନିମ୍ନସ୍ଥ ମଧ୍ୟରୁ କେଉଁଟି ବିକାଶ ପ୍ରକ୍ରିୟାର ଏକ ନିୟମ ନୁହେଁ ?

(A) ସମାନତା

(B) ଧାରାବାହିକତା

(C) ବ୍ୟକ୍ତିଗତ ପ୍ରଭେଦ

(D) ପ୍ରତ୍ୟାଶିତତା

16. Test that measures learning outcome of students is

(A) Achievement test

(B) Intelligence test

(C) Aptitude test

(D) Creativity test

17. If mean of 25, 29, 25, 32, 24 and x is 27, then what will be the median ?

(A) 32

(B) 27

(C) 26

(D) 25

18. If mean and mode of a data are 4 and 10 respectively, what will be its median ?

(A) 1.5

(B) 5.3

(C) 16

(D) 6

19. Which of the following is not a principle of development ?

(A) Uniformity

(B) Continuity

(C) Individual difference

(D) Predictability



(Continued)

Teachingninja.in

20. ନିମ୍ନୋକ୍ତ କେଉଁ କାରକଟି ଶିକ୍ଷଣକୁ ଖୁବ୍ କମ ପ୍ରଭାବିତ କରିଥାଏ ?
(A) ଅବସନ୍ନତା
(B) ବୟସ
(C) ଅସୁସ୍ଥତା
(D) ଲିଙ୍ଗଗତ ପ୍ରଭେଦ

21. କେଉଁ ଉକ୍ତିଟି ଏକ ପରୀକ୍ଷଣର ବିଶ୍ୱସ୍ତତା ସମ୍ବନ୍ଧରେ ସତ୍ୟ ଅଟେ ?
(A) ଏକ ଦତ୍ତ ପରୀକ୍ଷଣର ବିଶ୍ୱସ୍ତତା ନିର୍ଦ୍ଦିଷ୍ଟ ଅଟେ
(B) ଏହା ନମୁନାରୁ ନମୁନାକୁ ବଦଳିଥାଏ
(C) ଏହା ନମୁନାର ଆକାର ଉପରେ ପ୍ରଭାବ ପକାଇ ନଥାଏ
(D) ବିଶ୍ୱସ୍ତତା ଅଧିକ ହେଲେ ବୈଧତା ଅଧିକ ହେବ

22. ସୃଜନାତ୍ମକ ଚିନ୍ତନର କେଉଁ ବୈଶିଷ୍ଟ୍ୟ ତାହାକୁ ଅନ୍ୟାନ୍ୟ ସାଧାରଣ ଚିନ୍ତନ ପ୍ରକ୍ରିୟା ଠାରୁ ଭିନ୍ନ କରିଥାଏ ?
(A) ଅପସାରଣ
(B) ମୌଳିକତା
(C) ଅବାଧତା
(D) ଉପରୋକ୍ତ ସମସ୍ତ

23. ଯେତେବେଳେ ଜଣେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷାଦାନ ପଦ୍ଧତି, ଶିକ୍ଷଣ କାର୍ଯ୍ୟ ଓ କୌଶଳ ସ୍ଥିର କରନ୍ତି, ତାହାକୁ କ'ଣ କୁହାଯାଏ ?
(A) ଶିକ୍ଷଣ କୈନ୍ଦ୍ରିକ
(B) ଶିକ୍ଷାର୍ଥୀ କୈନ୍ଦ୍ରିକ
(C) ଶିକ୍ଷକ କୈନ୍ଦ୍ରିକ
(D) କୌଣସିଟି ନୁହେଁ

20. Which of the following factors has least effect on learning ?
(A) Fatigue
(B) Age
(C) Illness
(D) Gender difference

21. Which of the following statement about reliability of a test is correct ?
(A) Reliability is fixed for a given test
(B) It varies from sample to sample
(C) It is not affected by the size of the sample
(D) High reliability ensures high validity

22. Which characteristic of creative thinking differs it from other general thinking process ?
(A) Divergence
(B) Originality
(C) Fluency
(D) All of these

23. When a teacher decides teaching method, learning activities and techniques for the students is known as
(A) Learning centric
(B) Learner centric
(C) Teacher centric
(D) None of these



Teachingninja.in

24. ନିମ୍ନସ୍ଥ କେଉଁ ଉକ୍ତିଟି ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା ପାଇଁ ଠିକ୍ ଅଟେ ?

(A) ଏହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଦଳ ମଧ୍ୟରେ ଆଲୋଚନା ଓ ଶିକ୍ଷଣ କାର୍ଯ୍ୟ ପାଇଁ ଅନୁମତି ଦେଇଥାଏ

(B) ଶିକ୍ଷକଙ୍କ ନିର୍ଦ୍ଦେଶ ପାଇଁ ଅପେକ୍ଷା କରିନଥାଏ

(C) ସହଯୋଗୀତାକୁ ନିରୁତ୍ସାହିତ କରିଥାଏ

(D) ଶିକ୍ଷାର୍ଥୀର ସ୍ୱରକୁ ଗୁରୁତ୍ୱ ଦେଇନଥାଏ

25. ନିମ୍ନସ୍ଥ ମଧ୍ୟରୁ କେଉଁଟି ଶିକ୍ଷଣକୁ ପ୍ରଭାବିତ କରୁଥିବା ଶିକ୍ଷାର୍ଥୀ ସମ୍ବନ୍ଧିତ ଏକ କାରକ ନୁହେଁ?

(A) ମନୋଯୋଗ

(B) ପ୍ରେରଣାଦାନ

(C) ଲକ୍ଷ୍ୟ

(D) ସମ୍ପର୍କ

26. ତଳ ଶ୍ରେଣୀରେ କ୍ରୀଡ଼ା ପଦ୍ଧତିରେ ଶିକ୍ଷାଦାନ କାହା ଉପରେ ପର୍ଯ୍ୟବେଶିତ ଅଟେ ?

(A) ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ

(B) ଶିକ୍ଷାଦାନ ପଦ୍ଧତିର ସିଦ୍ଧାନ୍ତ

(C) ବୃଦ୍ଧି ଓ ବିକାଶର ମନସ୍ତାତ୍ତ୍ୱିକ ତତ୍ତ୍ୱ

(D) ଶିକ୍ଷାଦାନର ସାମାଜିକ ତତ୍ତ୍ୱ

24. Which of the following statement is correct in case of learner centered approach ?

(A) Allows students to interact with their teams through discussion and learning activities

(B) Passively waiting for teacher's instruction

(C) Collaboration is discouraged

(D) Does not give importance to student's voice

25. Which of the following is not a learner related factor affecting learning ?

(A) Attention

(B) Motivation

(C) Goals

(D) Communication

26. In lower classes, play-way method of teaching is based on

(A) Physical education programme

(B) Theories of methods of teaching

(C) Psychological principles of growth and development

(D) Sociological principles of teaching



Teachingninja.in

27. ଏକ ତଥ୍ୟାବଳୀର ପ୍ରସରଣ (variance) 196 ହେଲେ, ମାନକ ବିଚ୍ୟୁତି କେତେ ହେବ ?

(A) ± 14
(B) 14
(C) 96
(D) 98

28. "ଭିନ୍ନକ୍ଷମ ଶିଶୁର ଶିକ୍ଷା, ଶିକ୍ଷା ବ୍ୟବସ୍ଥାର ଏକ ଅଭିନ୍ନ ଅଂଶ ବିଶେଷ, ଯାହାପାଇଁ ସମନ୍ୱିତ ଶିକ୍ଷାର ଆବଶ୍ୟକତା ଅଛି ।" ଏହା କେଉଁ ଆୟୋଗଙ୍କର ସୁପାରିଶ ଥିଲା ?

(A) ମୁଦାଲିଆର୍
(B) କୋଠାରି
(C) ରାଧାକ୍ରିଷ୍ଣ
(D) ସରଜେଣ୍ଟ ତଥ୍ୟ

29. 'ମଡ୍ରେଲ୍' କେଉଁ ପ୍ରକାରର ଶିକ୍ଷଣ ସାମଗ୍ରୀ ଅଟେ ?

(A) ମାତ୍ରାସୂଚକ
(B) ପ୍ରଦର୍ଶନ
(C) ପ୍ରକ୍ଷେପିତ
(D) କୌଣସିଟି ନୁହେଁ

30. ଶିକ୍ଷାଦାନରେ ସାମାଜିକ ସଂଗଠନବାଦ କାହା ଉପରେ କେନ୍ଦ୍ରୀଭୂତ ?

(A) ପରୀକ୍ଷା ଅଭିମୁଖୀ ଶିକ୍ଷଣ
(B) ସୂଚନା/ ତଥ୍ୟ ଅଭିମୁଖୀ ଶିକ୍ଷଣ
(C) ଅନୁଭୂତି ଉପରେ ଆଧାରିତ ଶିକ୍ଷଣ
(D) ନିଷ୍କ୍ରିୟ ଶିକ୍ଷଣ

27. The variance of a set of data is 196, then the standard deviation of the data is

(A) ± 14
(B) 14
(C) 96
(D) 98

28. "The education of the disabled children should be an inseparable part of the education system for which integrated programme is necessary." This was the recommendation of which commission ?

(A) Mudaliar
(B) Kothari
(C) Radhakrishnan
(D) Sergent Report

29. Which type of teaching aid is a 'Model' ?

(A) Dimensional
(B) Display
(C) Projected
(D) None of these

30. Social constructivism in teaching focuses on

(A) Examination oriented learning
(B) Information oriented learning
(C) Experiential learning
(D) Passive learning



Teachingninja.in

# M. I. L. (ODIA)

**31.** ପଛୁଆ ଓ ମାନ୍ଦା ପିଲାଙ୍କ ପାଇଁ ଶିକ୍ଷଣ ବ୍ୟବସ୍ଥାର ରୂପରେଖ କେମିତି ହେବା ଉଚିତ୍ ?

(A) ମଧ୍ୟାହ୍ନ ଭୋଜନ
(B) ମଣ୍ଟେସୋରି ପ୍ରଣାଳୀ
(C) ପୋଷାକ ବଣ୍ଟନ
(D) ବ୍ୟକ୍ତିଗତ ଦୃଷ୍ଟି

**32.** କେଉଁଟି ଶିକ୍ଷଣରେ ମାନସିକ ଗୁଣାବଳୀର ପ୍ରଭେଦ ଅନ୍ତର୍ଭୁକ୍ତ ?

(A) ଅସ୍ଥିର ଗଠନ
(B) ବୋଧ ଶକ୍ତି
(C) ପରିପକ୍ୱତା ସମୟ
(D) ଶରୀରର ରଙ୍ଗ

**33.** ନିମ୍ନୋକ୍ତ କେଉଁ ରୂଢ଼ିର ଅର୍ଥ 'ଯତ୍ନନେବା' ?

(A) ଆଖି ଦେବା
(B) ଆଖି ପକାଇବା
(C) ଆଖି ରଖିବା
(D) ଆଖି ବୁଲାଇବା

**34.** 'ତଳେ ପକାଇବା' – ରୂଢ଼ିଟିର ଅର୍ଥ କ'ଣ ?

(A) ଅମାନ୍ୟ କରିବା
(B) ଅନୁମାନ କରି କହିବା
(C) ପ୍ରଶ୍ରୟ ଦେବା
(D) ଅନ୍ୟକୁ ଠକିବା

**35.** କେଉଁଟି ଏକ ଆଚରଣଗତ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଶିକ୍ଷଣ ନୁହେଁ ?

(A) ନିଶା ବା ଔଷଧ ସେବନ ପରେ ବ୍ୟବହାର
(B) ଗୁରୁଜନଙ୍କୁ ସମ୍ମାନ ପ୍ରଦର୍ଶନ
(C) ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ
(D) ସମସ୍ୟା ସମାଧାନ କରିବା

**36.** ଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

(A) ମୂଲ୍ୟାଙ୍କନ କରିବା
(B) ନିଦାନ କରିବା
(C) ଉପଚାର କରିବା
(D) ଉପରୋକ୍ତ ସମସ୍ତ

**37.** 'ଅ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ପରେ ଥିଲେ ଅକାର ପରସ୍ଥିତ ବିସର୍ଗର କ'ଣ ହୁଏ ?

(A) 'ର' ହୁଏ
(B) ଲୋପହୁଏ
(C) 'ସ' ହୁଏ
(D) 'ଓ' ହୁଏ

**38.** କବିବର ରାଧାନାଥ ଲେଖିଛନ୍ତି ଧନ୍ୟ ରଥେ ତୁମ୍ଭ ଜନ୍ମ ଶୁଭକ୍ଷଣେ

ଏଥିରେ କେଉଁ କେଉଁ ବିରାମ ଚିହ୍ନ ବ୍ୟବହାର କରାଯିବ ?

(A) କମ୍ପା, ଉଦ୍ଧାର ଚିହ୍ନ
(B) କମ୍ପା, ଉଦ୍ଧାର ଚିହ୍ନ, ବିସ୍ମୟାଦିସୂଚକ ଚିହ୍ନ, ପୂର୍ଣ୍ଣଚ୍ଛେଦ
(C) କମ୍ପା, ଉଦ୍ଧାର ଚିହ୍ନ, ପୂର୍ଣ୍ଣଚ୍ଛେଦ
(D) ବିସ୍ମୟାଦିସୂଚକ ଚିହ୍ନ, କମ୍ପା

**39.** ବ୍ୟକ୍ତିଗତ ପ୍ରଭେଦ ଦୂର କରିବା ପାଇଁ ଶିକ୍ଷକ କେଉଁ ପଦକ୍ଷେପ ଗ୍ରହଣ କରିବା ଅନୁଚିତ ?

(A) ଜନ୍ମଗତ ପ୍ରତିଭା ଚିହ୍ନଟ
(B) ନିଜସ୍ୱ ବେଗରେ ଚିହ୍ନିବା
(C) ଧାରାବାହିକ ସୁବିଧା ସୁଯୋଗ
(D) ଶିକ୍ଷକ କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା



Teachingninja.in

40. ଶିକ୍ଷାର୍ଥୀର ଆଚରଣରେ ପରିବର୍ତ୍ତନ ______ ଦ୍ୱାରା ସମ୍ଭବ ହୋଇଥାଏ ।

(A) ପାଠ୍ୟକ୍ରମ
(B) ପରିବେଶ
(C) ଶିକ୍ଷଣ
(D) ନିର୍ଦ୍ଦେଶ

41. ପଦ୍ୟକୁ ଗଦ୍ୟରେ ପରିଣତ କରିବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

(A) ଗଦ୍ୟରୂପ
(B) ଅନ୍ୱୟ
(C) ବାକ୍ୟାନ୍ୱୟ
(D) ଗଦ୍ୟାତ୍ମକ

42. ଓଡ଼ିଆ ଭାଷା ଅନୁସାରେ କେଉଁ ଶବ୍ଦଟି ଶୁଦ୍ଧ ?

(A) ତତୋଽଧିକ
(B) ତତୋଧିକ
(C) ତତଧିକ
(D) ତତାଧିକ

43. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶାରୀରିକ ଓ ଦୈହିକ ଗୁଣାବଳୀ ସହ ସମ୍ବନ୍ଧିତ ନୁହେଁ ?

(A) କେଶର ଆକୃତି
(B) ହାତମୁଠାର ଶକ୍ତି
(C) ଯୁକ୍ତାକ୍ଷର ଲିଖନ
(D) ସ୍ମରଣ ଶକ୍ତି

44. ଶିକ୍ଷାର୍ଥୀମାନଙ୍କ ପାଖରେ କେଉଁ ସବୁ ଦକ୍ଷତା ଭିନ୍ନ ଥିବାରୁ ସମସ୍ତଙ୍କ ପାଇଁ ଏକ ପ୍ରକାର ଶିକ୍ଷାଦାନ ବ୍ୟବସ୍ଥା କରାଯିବା ଅନୁଚିତ ?

(A) ଶାରୀରିକ ଦକ୍ଷତା
(B) ବୌଦ୍ଧିକ ଦକ୍ଷତା
(C) ଆବେଗିକ ଗୁଣାବଳୀ
(D) ସାମାଜିକ ଗୁଣାବଳୀ

45. "ଉତ୍ତମ ପ୍ରତିଷ୍ଠା ଲାଭ କରି ଅଛନ୍ତି ଯେ"- ଏହାକୁ ଏକ ପଦରେ ପ୍ରକାଶ କଲେ କ'ଣ ହେବ ?

(A) ପ୍ରତିଷ୍ଠିତ
(B) ଲବ୍ଧ ପ୍ରତିଷ୍ଠ
(C) ଲବ୍ଧ ପ୍ରତିଷ୍ଠିତ
(D) ପ୍ରତିଷ୍ଠା ଲାଭ

46. 'କେଦାର ଗୌରୀ' କାବ୍ୟର ରଚୟିତା କିଏ ?

(A) ଗଙ୍ଗାଧର ମେହେର
(B) ରାଧାନାଥ ରାୟ
(C) ସୁରେନ୍ଦ୍ର ମହାନ୍ତି
(D) ଗୋପୀନାଥ ମହାନ୍ତି

47. 'ଗାଆଁଗଣ୍ଡା', ଏଥିରେ 'ଗଣ୍ଡା' ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ଧ୍ୱନ୍ୟାନୁକାରୀ
(B) ପଦବିକାରମୂଳକ
(C) ଭାବ ବାଚକ
(D) କ୍ରମବୋଧକ

48. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ଅସମ୍ପନ୍ନ ବର୍ତ୍ତମାନ କାଳ'ର କ୍ରିୟା ?

(A) ହେଉଛି
(B) ହୁଅନ୍ତି
(C) ହେଉଥାଆନ୍ତା
(D) ହେଉଥିବ

49. ପର୍ଯ୍ୟବେକ୍ଷଣର ଅର୍ଥ କ'ଣ?

(A) ଦେଖିବା
(B) ଅନୁଭବ କରିବା
(C) ଚିନ୍ତା କରିବା
(D) ଉଦ୍ଦେଶ୍ୟ ଭିତ୍ତିକ ପ୍ରତ୍ୟକ୍ଷଣ କରିବା



Teachingninja.in

50. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶିକ୍ଷଣର ସ୍ୱରୂପ ନୁହେଁ ?
(A) ଏହା ଏକ ଆଚରଣଗତ ପରିବର୍ତ୍ତନ
(B) ଏହା ଏକ ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ
(C) ଏହା ଏକ ନିଷ୍କ୍ରିୟ ପ୍ରକ୍ରିୟା
(D) ଶିକ୍ଷଣ ହେଉଛି ବିକାଶ

**ନିମ୍ନ ପ୍ରଦତ୍ତ କବିତାଂଶଟି ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନ (51 ରୁ 55) ଗୁଡ଼ିକର ଉତ୍ତର ଲେଖ ।**

କିଆ, କେତକୀ ବନ, ବେତସ କୁଞ୍ଜ ଘେନ
ମୋ' ତୀରେ ଶୂନ୍ୟ ଆଜି, ସିନ୍ଧୁ ଗୋ,
କାହିଁ ବିହଗ ଗାନ କୋକିଳ କୁହୁ ତାନ
ଯହୁଁ ଝରଇ ମଧୁ ବିନ୍ଦୁ ଗୋ ।
ଶୁଣି ତଟିନୀ ବାଣୀ ବକ୍ଷକୁ ନେଇ ଟାଣି
କହିଲା ସିନ୍ଧୁ, "ଗିରି କନ୍ୟା ଗୋ,
ଲଭି ଈଶ୍ୱର କୃପା ତୁ ଅଟୁ ମାତୃ ରୂପା
ତୁହି ତ ଜଗତରେ ଧନ୍ୟା ଗୋ ।"
ମାନବ ମହାବଳୀ ପ୍ରକୃତି ପାଦେ ଦୋଳି
ନ ମାନି ବିଧତାର ନିୟମ,
କରୁଛି ଆଜି ଯାହା କାହିଁ ତା' ପାଇଁ ରାହା
ଲଭିବ ଦିନେ ଫଳ ଚରମ ।
ଗାଇ କର୍ମର ଜୟ ଦେଇ ଅମୃତ ପୟ
ପୋଷୁଛୁ କୋଟି ଜନ ପରାଣୀ,
ଝରୁଛୁ ଝରୁଥିବୁ ପରାଣ ଭରୁଥିବୁ
ତୁହି ତ ଜଗତର କଲ୍ୟାଣୀ ।

51. 'କୋକିଳ କୁହୁ ତାନ' କହିବାର ଅର୍ଥ କଣ ?
(A) କୁହୁ କୁହୁ
(B) ସୁନ୍ଦର ସ୍ୱର
(C) କୋଇଲିର ମଧୁର ସ୍ୱର
(D) ଉପରୋକ୍ତ କୌଣସିଟି ନୁହେଁ

52. କାହାକୁ ଗିରି କନ୍ୟା ବୋଲି କୁହାଯାଇଛି ?
(A) ଝରଣା
(B) ନଦୀ
(C) ସମୁଦ୍ର
(D) ଜଙ୍ଗଲ

53. ନିଜ କର୍ମର ଫଳ ଭୋଗିବ ବୋଲି କାହାକୁ କୁହାଯାଇଛି ?
(A) ମଣିଷକୁ
(B) ନଦୀକୁ
(C) ସାଗରକୁ
(D) ଜଙ୍ଗଲକୁ

54. ଉପରୋକ୍ତ ପଦ୍ୟରେ ସମୁଦ୍ର କାହାକୁ ଧନ୍ୟ ବୋଲି କହିଛି ?
(A) ସାଗର
(B) ଜଙ୍ଗଲ
(C) ତଟିନୀ
(D) ଝରଣା

55. 'ତୁହିତ ଜଗତର ରାଣୀ' – ଏ କଥା କିଏ କାହାକୁ କହିଛନ୍ତି?
(A) ଜଙ୍ଗଲ କହିଛି ପବନକୁ
(B) ସମୁଦ୍ର କହିଛି ନଦୀକୁ
(C) ନଦୀ କହିଛି ସାଗରକୁ
(D) ଜଙ୍ଗଲ କହିଛି ନଦୀକୁ



Teachingninja.in

**ପ୍ରଦତ୍ତ ଅନୁଚ୍ଛେଦଟିକୁ ପଢ଼ି ନିମ୍ନରେ ଦିଆଯାଇଥିବା ପ୍ରଶ୍ନ (56 ରୁ 60) ଗୁଡ଼ିକର ଉତ୍ତର ଲେଖ ।**

କୀଟପତଙ୍ଗ, ପଶୁପକ୍ଷୀ, ମଣିଷଙ୍କ ବାସଭୂମି ଆମର ଏ ପୃଥିବୀ । ସମସ୍ତେ ଚାହାନ୍ତି ସୁଖରେ ରହିବେ, ଆନନ୍ଦରେ କାଳ କାଟିବେ । ଦୁଃଖରେ ରହିବା ପାଇଁ, ଅସୁବିଧା ଭୋଗିବା ପାଇଁ କେହି ଚାହାନ୍ତି ନାହିଁ । ସମସ୍ତେ ସିନା ସୁଖ ଖୋଜନ୍ତି, କିନ୍ତୁ ସୁଖ ପାଇବାର ବାଟଟି ସମସ୍ତଙ୍କୁ ଜଣାନଥାଏ । ଯେତେ ଯାହା ପାଇଲେ ବି ମନ ଭିତରେ ଶାନ୍ତି ନଥିଲେ ଆମକୁ ସୁଖ ମିଳେନା । ତେଣୁ ସୁଖ ପାଇବାକୁ ହେଲେ ସର୍ବପ୍ରଥମେ ଆମ ମନଟିକୁ ଶାନ୍ତ ରଖିବାକୁ ପଡ଼ିବ ।

ମନର ଶାନ୍ତି ପାଇଁ ଆମେ ଅନ୍ୟମାନଙ୍କୁ ଭଲ ପାଇ ଶିଖିବା । ଆମେ ଅନ୍ୟମାନଙ୍କୁ ଭଲ ପାଇଲେ, ସେମାନେ ମଧ୍ୟ ଆମକୁ ଭଲ ପାଇବେ । ଅନ୍ୟପକ୍ଷରେ, ଆମେ ଯଦି ଅନ୍ୟମାନଙ୍କୁ ଘୃଣା କରିବା, ସମସ୍ତଙ୍କ ଉପରକୁ ନାକ ଟେକିବା, ତା' ହେଲେ ଆମକୁ କାହିଁକି କିଏ ଭଲ ପାଇବ? ଆମେ ଯଦି କାହା ସମ୍ପର୍କରେ ମନ ଭିତରେ ଖରାପ ଚିନ୍ତା ପୋଷଣ କରିବା, ତେବେ ସେ ମଧ୍ୟ ଆମ ପ୍ରତି ଖରାପ ଭାବନା ପୋଷଣ କରିବ । ଅନ୍ୟମାନଙ୍କ ସମ୍ପର୍କରେ ଆମ ମନର ଖରାପ ଭାବନା ଆମପ୍ରତି ସେମାନଙ୍କ ମନରେ ବିରକ୍ତି ଓ ଘୃଣା ଭାବ ସୃଷ୍ଟି କରିବ । ସେଇଥିପାଇଁ ସୁଖରେ ରହିବାକୁ ହେଲେ ମନ ଭିତରେ ସବୁବେଳେ ଭଲ ଚିନ୍ତା ରଖିବା, ଅନ୍ୟମାନଙ୍କ ହିତକାମନା କରିବା, ମନ ଭିତରେ ଭଲ ଭାବନା ରଖିଲେ ଆମ ପାଇଁ ଏ ଦୁନିଆ ହୋଇଉଠିବ ସୁନ୍ଦର ଓ ଆକର୍ଷଣୀୟ । ସମସ୍ତେ ଆମକୁ ଆପଣାର ଜଣାପଡ଼ିବେ ।

**56.** କେଉଁଟି ଠିକ୍ ?
(A) ସୁଖରୁ ଶାନ୍ତି ମିଳେ
(B) ଶାନ୍ତିରୁ ସୁଖ ମିଳେ
(C) ସମ୍ପଦରୁ ସୁଖ ମିଳେ
(D) ସୁଖରୁ ସମ୍ପଦ ମିଳେ

**57.** ଅନ୍ୟମାନଙ୍କ ସମ୍ପର୍କରେ ଆମ ମନର ଖରାପ ଭାବନା ଥିଲେ....
(A) ଆମପ୍ରତି ସେମାନଙ୍କ ମନରେ ଘୃଣା ଭାବ ସୃଷ୍ଟି ହୁଏ
(B) ଆମପ୍ରତି ସେମାନଙ୍କ ମନରେ ବିରକ୍ତି ଭାବ ସୃଷ୍ଟି ହୁଏ
(C) ଆମପ୍ରତି ସେମାନଙ୍କ ମନରେ ବିରକ୍ତି ଓ ଘୃଣା ଭାବ ସୃଷ୍ଟି ହୁଏ
(D) ସେମାନଙ୍କ ପ୍ରତି ଆମ ମନରେ ବିରକ୍ତି ଓ ଘୃଣା ଭାବ ସୃଷ୍ଟି ହୁଏ

**58.** ସୁଖରେ ରହିବାକୁ ହେଲେ....
(A) ଆମ ମନ ଭିତରେ ସବୁବେଳେ ଭଲ ଚିନ୍ତା ରଖିବା
(B) ଅନ୍ୟମାନଙ୍କ ହିତ କାମନା କରିବା
(C) ମନ ଭିତରେ ଭଲ ଭାବନା ରଖିବା
(D) ଉପରୋକ୍ତ ସମସ୍ତ

**59.** ମଣିଷ ଶାନ୍ତିରେ ରହିପାରେ ନାହିଁ କାହିଁକି ?
(A) ମଣିଷ ସବୁବେଳେ ଶାନ୍ତି ଖୋଜେ
(B) ଶାନ୍ତି ପାଇବାର ବାଟ ଜାଣେନାହିଁ
(C) ଶାନ୍ତି ସମସ୍ତଙ୍କୁ ମିଳେନାହିଁ
(D) ଉପରୋକ୍ତ ସମସ୍ତ

**60.** ମନର ଶାନ୍ତି ପାଇଁ କଣ କରିବା ?
(A) ଅନ୍ୟକୁ ସମ୍ମାନ ଦେବା
(B) ଅନ୍ୟକୁ ସାହାଯ୍ୟ କରିବା
(C) ଅନ୍ୟକୁ ଭଲ ପାଇବା
(D) ଉପରୋକ୍ତ କୌଣସିଟି ନୁହେଁ



Teachingninja.in

# L – ENGLISH

61. Find the correct sentence from among the following :

(A) He is a strange man, isn't he ?

(B) He is a strange man, isn't it ?

(C) He is a strange man, is not he ?

(D) He is a strange man, is he not ?

62. Identify the grammatically acceptable sentence :

(A) School begins at 10 O'clock

(B) School begins at 10 o'clock

(C) The school begins at 10 O'clock

(D) A school begins at 10 O'clock

63. Which of the following is not a correct statement ?

(A) Assessment during teaching -learning process is more useful.

(B) Summative assessment is useful for redesigning the strategies.

(C) Formative assessment provides feedback.

(D) Assessment is ultimately useful for improving teaching-learning process.

64. Which of the following implies "to utter with more degree of force" ?

(A) Stress

(B) Intonation

(C) Pronunciation

(D) Pause

65. The process of dividing a sentence into a few sense groups while reading is known as

(A) eye-span

(B) chunking

(C) skimming

(D) scanning

66. Primary requirement for writing a composition/essay is

(A) sequencing

(B) vocabulary

(C) idea

(D) style



Teachingninja.in

67. The book is interesting to read. The underlying word is a/an ______

(A) adverb

(B) noun

(C) verb

(D) adjective

68. I can't lift the box. The full form of "can't" is

(A) canot

(B) can not

(C) cannot

(D) cannut

69. Reading an unseen passage in the examination hall comes under

(A) extensive reading

(B) reading for pleasure

(C) make happy the evaluator

(D) intensive reading

70. Which of the following is considered receptive skills ?

(A) Listening and reading

(B) Reading and writing

(C) Listening and speaking

(D) Speaking and reading

**Read the poem given below and answer the questions (71 to 75) that follow :**

I hear leaves drinking rain;
I hear rich leaves on top
Giving the poor beneath
Drop after drop;
'Tis a sweet noise to hear
These green leaves drinking near.
And when the sun comes out,
After this rain shall stop,
A wonderous light will fill
Each dark round drop,
I hope the sun shines bright
Till be a lovely sight.

71. The word 'I' used in the poem refers to

(A) the sun

(B) the rain

(C) the green leaves

(D) the poet

72. "Leaves on top" represent

(A) Rich people

(B) Poor people

(C) Green leaves

(D) the poet and the sun



Teachingninja.in

**73.** The poem is primarily about

(A) mankind

(B) the sun

(C) rain

(D) green leaves

**74.** Which among the following is nearest in meaning to the word 'wonderous' ?

(A) marvellous

(B) unexciting

(C) tiresome

(D) tedious

**75.** Which among the following is a symbol of hope in the poem ?

(A) rain

(B) sweet noise

(C) the sun

(D) green leaves

**76.** Choose the most appropriate answer from among the following :

Your answer is ________ right.

(A) hundred per cent

(B) hundred percent

(C) a hundred per cent

(D) cent percent

**77.** Identify the correct spelt word.

(A) Vacuum

(B) Vacum

(C) Vacc um

(D) Vaccum

**78.** Which of the following is useful for learning language at the beginning ?

(A) Teaching

(B) Explanation

(C) Persuation

(D) Exposure

**79.** Which language skill competency is considered most important in teaching-learning English in India ?

(A) Listening

(B) Speaking

(C) Reading

(D) Writing

**80.** Identify the grammatically acceptable sentence from among the following :

(A) He is tired and so you are

(B) He is tired so you are

(C) He is tired and so are you

(D) He is tired and so are you ?



Teachingninja.in

81. Find the correct sentence from among the following :

(A) I will have you all to speak English well within a year.

(B) I will have you all speaking English well within a year.

(C) I will have you all speak English well within a year.

(D) I will have you all of speaking English well within a year.

82. Primary objective of teaching-learning English in India is to

(A) ensure better employment

(B) persue higher education

(C) develop communication skills

(D) remain updated about developments

83. Identify the false statement.

(A) English empowers people to get any information offered by the internet.

(B) English has not only become a trend but upmarked pursuit also.

(C) English as a second language is not available in Odisha State.

(D) English is a link language.

84. Complete the answer to the question.
"What time does the bus leave ?", Mohan asked me.
Mohan asked me what time the bus ______.

(A) left

(B) had left

(C) leaves

(D) is leaving

85. Identify the most appropriate and right sentence :

(A) You should avail of every opportunity to practise speaking English.

(B) You should avail yourself of every opportunity to practise speaking English.

(C) You should avail yourself every opportunity to practise speaking English.

(D) You should avail every opportunity to practise speaking English.

**Read the following passage and answer the questions (86 to 90) that follow :**

Once upon a time there was a king who wanted to make all his subjects happy and conteded. So he asked them to come to him with their grievances. One man came to him saying he wanted to leave his small hut to live in a palace. Next came a woman who had a fruit stall, complaining that an old lady the next stall used to sell old clothes and asking that she might be removed. Another man asked permission to put his old unsafe boat which the harbour master had condemned out to the sea. The king granted all these requests.



Teachingninja.in

A little later, however, the first man came offering to give up his palace. He found he had to behave so carefully and keep such state in it, that he longed to go back to his comfortable little hut, where he was happier.

The woman also came complaining that she had lost all her customers, for they came first of all to buy clothes from the neighbouring stall and then stopped to buy fruit before they went home. Then what happened to the man with the boat ?... Well, he certainly did not return to complain, for his boat was put out to sea as soon as the king had given permission, and neither the boat nor the owner was ever heard of again.

**86.** The man who went to sea in his boat did not return to the king probably because he

(A) had no more complaints

(B) was on a long voyage

(C) was afraid of the king

(D) was drowned in the sea

**87.** The first man was happier in his little hut than in the palace because

(A) he could lead a simple, carefree life

(B) the palace was too big for him

(C) people did not treat him like a king

(D) he was too humble to live in a palace

**88.** The phrase "put out to sea" in the passage means

(A) condemned

(B) set sail

(C) set free

(D) put an end to

**89.** The three dissatisfied persons in the passage must have learnt the lesson that

(A) there should be a limit to one's desires

(B) others can make one happy

(C) things do not turn out as well as expected

(D) future joys are sweeter than the present ones

**90.** The main purpose of the passage is to

(A) tell us an amusing story

(B) bring out a moral

(C) throw light on the king's greatness

(D) show how foolish individuals can be



Teachingninja.in

# ସାମାଜିକ ପାଠ

# SOCIAL STUDIES

91. ଭାରତର ସମୁଦାୟ ଆୟତନର ଶତକଡ଼ା ପ୍ରାୟ କେତେ ଭାଗରେ ପଟୁ ମୃତ୍ତିକା ଦେଖାଯାଏ ?

(A) 25

(B) 43

(C) 65

(D) 83

92. ପୃଥିବୀର କେଉଁ ମଣ୍ଡଳ ସୂର୍ଯ୍ୟଙ୍କ ପ୍ରତ୍ୟକ୍ଷ କିରଣ ଗ୍ରହଣ କରେ ?

(A) ହିମମଣ୍ଡଳ

(B) ଗ୍ରୀଷ୍ମମଣ୍ଡଳ

(C) ନାତିଶୀତୋଷ୍ଣ ମଣ୍ଡଳ

(D) ଉପରୋକ୍ତ ସମସ୍ତ

93. ନିମ୍ନଲିଖିତ ଯୁଦ୍ଧ ମଧ୍ୟରୁ କେଉଁଟି ଭାରତରେ ମୋଗଲ୍ ସାମ୍ରାଜ୍ୟର ମୂଳଦୁଆ ପକାଇଥିଲା ?

(A) ପ୍ରଥମ ପାନିପଥ ଯୁଦ୍ଧ

(B) ଦ୍ୱିତୀୟ ପାନିପଥ ଯୁଦ୍ଧ

(C) ପଲାସି ଯୁଦ୍ଧ

(D) ତରାଇନ୍ ଯୁଦ୍ଧ

91. Approximately what percent of the total volume of India has alluvial soil ?

(A) 25

(B) 43

(C) 65

(D) 83

92. ____________ zone of the Earth receives direct rays of sun.

(A) Frigid

(B) Temperate

(C) Torrid

(D) All of the above

93. Which of the following battle paved the way for the foundation of Mughal Empire in India ?

(A) First Battle of Panipat

(B) Second Battle of Panipat

(C) Battle of Plassey

(D) Battle of Tarain

(Continued)



Teachingninja.in

94. ନିମ୍ନଲିଖିତ ଲୋଦି ଶାସକ ମଧ୍ୟରୁ କିଏ ଜମିଜମା ମାପ ପାଇଁ ଗଜ-ଇ-ସିକନ୍ଦରୀ ପ୍ରବର୍ତ୍ତନ କରିଥିଲେ ?

(A) ବାହାଲୋଲ ଲୋଦି

(B) ଇବ୍ରାହିମ୍ ଲୋଦି

(C) ସିକନ୍ଦର ଲୋଦି

(D) ଉପରୋକ୍ତ ସମସ୍ତ

95. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭୂଗୋଳ ଶିକ୍ଷଣରେ ପରୀକ୍ଷାଗାର ପଦ୍ଧତିପାଇଁ ସତ୍ୟ ଅଟେ ?

(A) ମନେରଖିବା, ଅନୁକରଣ କରିବା ଓ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ

(B) ଅନୁକରଣ, ପର୍ଯ୍ୟବେକ୍ଷଣ ଓ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ

(C) ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ ଓ ମନେରଖିବା

(D) ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ ଓ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ

96. ଭୂଗୋଳ ଶିକ୍ଷାଦାନରେ ଆନ୍ତର୍ଜାତିକ ତାରିଖ ସୀମାରେଖା ଶିକ୍ଷଣ ସମୟରେ ନିମ୍ନସ୍ଥ କେଉଁ ପଦ୍ଧତିଟି ଉପଯୋଗୀ ଅଟେ?

(A) ପରୋକ୍ଷ ପର୍ଯ୍ୟବେକ୍ଷଣ ଓ ଆଲୋଚନା

(B) ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଓ ଆଲୋଚନା

(C) କେବଳ ଆଲୋଚନା

(D) ଉପରୋକ୍ତ ସମସ୍ତ

94. Which of the following Lodi ruler introduced the Gaz-i-Sikandari to measure the land ?

(A) Bahlol Lodi

(B) Ibrahim Lodi

(C) Sikander Lodi

(D) All of the above

95. Which of the following is correct in laboratory method of teaching geography ?

(A) Learning by doing, imitation and memorisation

(B) Learning by doing, observation and imitation

(C) Learning by investigation, observation and memorisation

(D) Learning by doing, observation and investigation

96. Which of the following method is applicable while teaching international date line in geography ?

(A) Indirect observation-cum-Discussion

(B) Direct observation-cum-Discussion

(C) Only Discussion

(D) All of the above



Teachingninja.in

97. ଯେଉଁ ସ୍ଥଳଭାଗରେ ତିନିପଟରେ ସମୁଦ୍ର ଘେରି ରହିଥାଏ ତାହାକୁ କ'ଣ କୁହାଯାଏ ?

(A) ଉପକୂଳ

(B) ଦ୍ୱୀପ

(C) ଉପଦ୍ୱୀପ

(D) ମାଳଭୂମି

97. A landmass bounded by sea on three sides is referred to as

(A) Coast

(B) Island

(C) Peninsula

(D) Plateau

98. ପୂର୍ବଘାଟ ପର୍ବତମାଳାର ସର୍ବୋଚ୍ଚ ଶୃଙ୍ଗ କେଉଁଟି ?

(A) ଆନାଇମୁଡ଼ି

(B) କାଞ୍ଚନଜଙ୍ଘା

(C) ଖାସି

(D) ଦେଓମାଳୀ

98. The highest peak in the Eastern Ghats is

(A) Anai Mudi

(B) Kanchenjunga

(C) Khasi

(D) Deomali

99. ସ୍ୱାଧିନ ଭାରତର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ କିଏ ?

(A) ଜୟଲଳିତା

(B) ନନ୍ଦିନୀ ଶତପଥୀ

(C) ସୁଚେତା କୃପାଳିନୀ

(D) ବିଜୟଲକ୍ଷ୍ମୀ ପଣ୍ଡିତ

99. Who was the first woman Chief Minister of Independent India ?

(A) Jayalalitha

(B) Nandini Satpathy

(C) Sucheta Kripalani

(D) Vijaya Laxmi Pandit

100. କେଉଁଟି ତ୍ରିସ୍ତରୀୟ ସ୍ଥାନୀୟ ସରକାର ବ୍ୟବସ୍ଥାର ଅନ୍ତର୍ଭୁକ୍ତ ନୁହେଁ ?

(A) ପଞ୍ଚାୟତ ସମିତି

(B) ଗ୍ରାମ୍ୟ କମିଟି

(C) ଗ୍ରାମ ପଞ୍ଚାୟତ

(D) ଜିଲ୍ଲା ପରିଷଦ

100. The three tier system of local government does not include the

(A) Panchayat Samiti

(B) Village Committee

(C) Gram Panchayat

(D) Zilla Parishad



(Continued)

Teachingninja.in

101. କେଉଁ ଅନୁଷ୍ଠାନ ଉଚ୍ଚ ପ୍ରାଥମିକସ୍ତର ପାଇଁ ଶ୍ରେଣୀ ଉପଯୋଗୀ ଭାରତୀୟ ଇତିହାସର ପାଠ୍ୟକ୍ରମ ସମ୍ବନ୍ଧରେ ମାର୍ଗଦର୍ଶିକା ସୁପାରିଶ କରିଥିଲେ ?

(A) NCERT
(B) NCTE
(C) ICHR
(D) UGC

101. Which institution suggested guideline for class wise distribution of Indian History syllabus for upper primary stage ?

(A) NCERT
(B) NCTE
(C) ICHR
(D) UGC

102. ଇତିହାସ ଶିକ୍ଷାଦାନ ସମୟରେ ବ୍ୟବହୃତ ଜୀବନୀ ବା ଆତ୍ମଜୀବନୀ ପଦ୍ଧତି କେଉଁ ତତ୍ତ୍ୱ ଉପରେ ଆଧାରିତ ?

(A) ସାଂସ୍କୃତିକ ଘଟଣାବଳୀ
(B) ମହାପୁରୁଷ
(C) ପୁନଃଚକ୍ରଣ
(D) ଅଭିବୃଦ୍ଧି

102. Biographical method of teaching history based on which theory ?

(A) Cultural epoch
(B) Great man
(C) Cyclic
(D) Developmental

103. କେଉଁ ନଦୀଟି ଏକ ଗ୍ରସ୍ତ ଉପତ୍ୟକା ମଧ୍ୟ ଦେଇ ପ୍ରବାହିତ ହେଉଅଛି ?

(A) ମହାନଦୀ
(B) ତାପ୍ତି
(C) କାବେରୀ
(D) ବ୍ରହ୍ମପୁତ୍ର

103. Which one amongst the following rivers flows through a rift valley ?

(A) Mahanadi
(B) Tapti
(C) Kaveri
(D) Brahmaputra

104. "ଏକ କାର୍ପେଟ୍ ପ୍ରସ୍ତୁତକାରୀ କମ୍ପାନୀରେ କାର୍ଯ୍ୟରତ ଏକ ୧୩ ବର୍ଷର ବାଳକ"- ଏହି ପରିସ୍ଥିତିଟି ନିମ୍ନଲିଖିତ କେଉଁ ଅଧିକାରକୁ ଉଲଂଘନ କରୁଛି ?

(A) ସମାନତାର ଅଧିକାର
(B) ସ୍ୱାଧିନତାର ଅଧିକାର
(C) ଶୋଷଣ ବିରୁଦ୍ଧ ଅଧିକାର
(D) ଧର୍ମଗତ ସ୍ୱାଧିନତାର ଅଧିକାର

104. The situation like "13 year old child working in a factory manufacturing carpets" violates, which of the following Fundamental Rights ?

(A) Right to Equality
(B) Right to Freedom
(C) Right Against Exploitation
(D) Right to Freedom of Religion



Teachingninja.in

**105.** ନିମ୍ନଲିଖିତ ରାଜ୍ୟଗୁଡ଼ିକ ମଧ୍ୟରୁ କେଉଁ ରାଜ୍ୟର ଲୋକସଭା ଆସନ ସଂଖ୍ୟା ସର୍ବାଧିକ ?

(A) ପଶ୍ଚିମବଙ୍ଗ

(B) ଗୁଜରାଟ

(C) ଆସାମ

(D) ରାଜସ୍ଥାନ

**105.** Which among the following States has the largest number of Lok Sabha seats ?

(A) West Bengal

(B) Gujarat

(C) Assam

(D) Rajasthan

**106.** ଓଡ଼ିଶାରେ ଉତ୍ତର-ପୂର୍ବ ମୟୁରଭଞ୍ଜ ଜିଲ୍ଲା ଶିମିଳିପାଳ ପର୍ବତଶ୍ରେଣୀ ଠାରୁ ଦକ୍ଷିଣ-ପଶ୍ଚିମରେ ମାଲାକାନାଗିରି ଜିଲ୍ଲା ପର୍ଯ୍ୟନ୍ତ ବିସ୍ତୃତ ପର୍ବତମାଳାକୁ କି ପ୍ରକାର ଭୂପ୍ରକୃତି କୁହାଯାଏ ?

(A) ପଶ୍ଚିମସ୍ଥ ମାଳଅଞ୍ଚଳ

(B) ମଧ୍ୟ ପାର୍ବତ୍ୟଅଞ୍ଚଳ

(C) ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ

(D) ଉପରୋକ୍ତ କୌଣସିଟି ନୁହେଁ

**106.** What type of topography is the mountain range, extending from the Shimilipal range of Mayurbhanj district in North East to the Malkanagiri district in South West ?

(A) Western plateau region

(B) Mid mountainous region

(C) Coastal plain region

(D) None of the above

**107.** କେଉଁ ମରୁଭୂମି ଗ୍ରୀଷ୍ମମଣ୍ଡଳ ମଧ୍ୟରେ ଅବସ୍ଥିତ ?

(A) ଆରବୀୟ

(B) ଆମେରିକୀୟ

(C) ଶୀତଳ ମରୁଭୂମି

(D) ଉପରୋକ୍ତ ସମସ୍ତ

**107.** _________ desert lies in the torrid zone.

(A) Arabian

(B) American

(C) Cold desert

(D) All of the above

**108.** _____ ମଣ୍ଡଳର ଜଳବାୟୁ ମଧ୍ୟମ ଅଟେ, ଅର୍ଥାତ୍ ଅତ୍ୟଧିକ ଗରମ କିମ୍ବା ଅଧିକ ଥଣ୍ଡା ନୁହେଁ ?

(A) ହିମମଣ୍ଡଳ

(B) ନାତିଶୀତୋଷ୍ଣ ମଣ୍ଡଳ

(C) ଗ୍ରୀଷ୍ମମଣ୍ଡଳ

(D) ଉପକୋକ୍ତ କୌଣସିଟି ନୁହେଁ

**108.** The climate in the _________ zone is moderate, that is, neither too hot nor too cold.

(A) Frigid

(B) Temperate

(C) Torrid

(D) None of the above



Teachingninja.in

109. ଭାରତୀୟ ଜାତୀୟ ଆନ୍ଦୋଳନ ସମୟରେ ନିମ୍ନଲିଖିତ କେଉଁ ଖବର କାଗଜର ପ୍ରତିଷ୍ଠାତା ଲୋକମାନ୍ୟ ତିଳକ ଥିଲେ ?

(A) ଯୁଗାନ୍ତର
(B) ବେଙ୍ଗଲୀ
(C) କେସରୀ
(D) ଅମୃତ ବଜାର ପତ୍ରିକା

110. ମହାତ୍ମା ଗାନ୍ଧୀଙ୍କ ଖିଲାଫତ ପ୍ରସଙ୍ଗ ଉଠାଇବା ନିଷ୍ପତ୍ତି ପଛରେ ଏକ ମୂଖ୍ୟ କାରଣ କ'ଣ ଥିଲା ?

(A) ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ଅଧିକ ଏକତା ଆଣିବା
(B) ହିନ୍ଦୁ ଏବଂ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ଅଧିକ ଏକତା ଆଣିବା
(C) ଖ୍ରୀଷ୍ଟିଆନ ଏବଂ ମୁସଲମାନମାନଙ୍କ ମଧ୍ୟରେ ଅଧିକ ଏକତା ଆଣିବା
(D) ଉପରୋକ୍ତ କୌଣସିଟି ନୁହେଁ

111. ମାନବ ଅଧିକାର ଉପରେ ମିଳିତ ଜାତିସଂଘ ଆୟୋଗ କେବେ ପ୍ରତିଷ୍ଠା ହୋଇଥିଲା ?

(A) 1946
(B) 1950
(C) 1949
(D) 1948

112. ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ଭାରତର ପ୍ରଥମ ରାଷ୍ଟ୍ରପତି ହେଉଛନ୍ତି

(A) ଡଃ ରାଜେନ୍ଦ୍ର ପ୍ରସାଦ
(B) ଡଃ ଏପିଜେ ଅବଦୁଲ୍ କଲାମ
(C) ଶ୍ରୀ ପ୍ରଣବ ମୁଖାର୍ଜୀ
(D) ଶ୍ରୀ ନୀଲମ୍ ସଂଜୀବା ରେଡ୍ଡୀ

109. Which of the following newspaper was founded by Lokmanya Tilak during Indian National Movement ?

(A) Yugantar
(B) Bengalee
(C) Kesari
(D) Amrit Bazar Patrika

110. What was one of the main reasons behind Mahatma Gandhi's decision to take up the Khilafat issue ?

(A) To bring more unity among Hindus and Muslims
(B) To bring more unity among Hindus and Christians
(C) To bring more unity among Christians and Muslims
(D) None of the above

111. When was United Nations Commission on Human Rights established ?

(A) 1946
(B) 1950
(C) 1949
(D) 1948

112. The first President of India who elected unanimously was

(A) Dr. Rajendra Prasad
(B) Dr. APJ Abdul Kalam
(C) Sri Pranab Mukharji
(D) Sri Neelam Sanjeeva Reddy



Teachingninja.in

113. ନିମ୍ନଲିଖିତ କେଉଁ ଶିଳାରେ ଖଣିଜପଦାର୍ଥ ସ୍ତର ସ୍ତର ହୋଇ ସଞ୍ଚିତ ହୋଇଥାଏ ?

(A) ଅବକ୍ଷିପ୍ତ ଶିଳା

(B) ଆଗ୍ନେୟ ଶିଳା

(C) ରୂପାନ୍ତରିତ ଶିଳା

(D) କୌଣସିଟିରେ ନୁହେଁ

114. ନିମ୍ନୋକ୍ତ ଉଦ୍ଭିଦସମୂହ ମଧ୍ୟରୁ କେଉଁଥିରେ ରବର ଗଛ ଦେଖାଯାଏ ?

(A) କ୍ରାନ୍ତୀୟ ପର୍ଣ୍ଣମୋଚୀ

(B) ହିମାଳୟ

(C) ଜୁଆରିଆ

(D) କ୍ରାନ୍ତୀୟ ଚିରହରିତ

115. ନିମ୍ନସ୍ଥ କେଉଁଟି ପରିମାଣାତ୍ମକ ବର୍ଣ୍ଣନା ସହିତ ମୂଲ୍ୟବୋଧ ନିର୍ଦ୍ଧାରଣ କରିଥାଏ ?

(A) ପରିମାପ

(B) ମୂଲ୍ୟାୟନ

(C) ପରୀକ୍ଷଣ

(D) ନିର୍ଦ୍ଧାରଣ

116. କେଉଁଟି ଇତିହାସ ଶିକ୍ଷାଦାନରେ ଏକ ଦୃଶ୍ୟ-ଶ୍ରାବ୍ୟ ଶିକ୍ଷଣ ଉପକରଣ ଅଟେ ?

(A) ସାରଣୀ

(B) ନାଟ୍ୟାଭିନୟ

(C) ଡାକବାଜି ଯନ୍ତ୍ର

(D) ଛବି

113. Minerals are deposited and accumulated in the stratas of which of the following rocks ?

(A) Sedimentary rocks

(B) Igneous rocks

(C) Metamorphic rocks

(D) None of the above

114. To which one of the following types of vegetation does rubber belong to ?

(A) Tropical deciduous

(B) Himalayan

(C) Tidal

(D) Tropical evergreen

115. Which of the following refers to quantitative description with value judgement ?

(A) Measurement

(B) Evaluation

(C) Test

(D) Judgement

116. Which is an audio-visual aid in history teaching ?

(A) Charts

(B) Dramatization

(C) Loudspeaker

(D) Picture



Teachingninja.in

117. ନିମ୍ନଲିଖିତ କେଉଁ ହରପ୍ପା ସଭ୍ୟତା ସ୍ଥଳରେ ଦମ୍ପତି ସମାଧି ଦେଖିବାକୁ ମିଳେ ?

(A) ମୋହେଞ୍ଜୋଦାରୋ

(B) ହରପ୍ପା

(C) ଚାନ୍ହୁ-ଦାରୋ

(D) ଲୋଥାଲ୍

118. କେଉଁ ବର୍ଷ ଇଷ୍ଟ ଇଣ୍ଡିଆ କମ୍ପାନୀ ବଙ୍ଗଳାର ଦିୱାନି ହାସଲ କଲା ?

(A) 1773

(B) 1791

(C) 1765

(D) ଉପରୋକ୍ତ କୌଣସିଟି ନୁହେଁ

119. ପ୍ରଫେସର ହୋଲଙ୍କ ମତରେ ଭୂଗୋଳ ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ ଦୁଇଟି କ'ଣ ?

(A) ବ୍ୟାବହାରିକ ଓ ସାମାଜିକ

(B) ବ୍ୟାବହାରିକ ଓ ସାଂସ୍କୃତିକ

(C) ସାଂସ୍କୃତିକ ଓ କୃତ୍ରିମ

(D) କୃତ୍ରିମ ଓ ସାମାଜିକ

120. ଭୂଗୋଳ ଶିକ୍ଷଣରେ ବାୟୁମଣ୍ଡଳର ଆର୍ଦ୍ରତା ଜାଣିବା ପାଇଁ କେଉଁ ଯନ୍ତ୍ରର ସାହାଯ୍ୟ ନିଆଯାଇଥାଏ ?

(A) ଥର୍ମୋମିଟର

(B) ଶୁଷ୍କ ଓ ଆର୍ଦ୍ର ଥର୍ମୋମିଟର

(C) ସର୍ବୋଚ୍ଚ ଓ ସର୍ବନିମ୍ନ ଥର୍ମୋମିଟର

(D) ଚାପମାନ ଯନ୍ତ୍ର

117. Couple burial was found in which of the following Harappan sites ?

(A) Mohenjodaro

(B) Harappa

(C) Chanhu-daro

(D) Lothal

118. In which year did the East India Company acquire the Diwani of Bengal ?

(A) 1773

(B) 1791

(C) 1765

(D) None of the above

119. According to Prof. Holtz, what are the two aims of geography teaching ?

(A) Practical and Social

(B) Practical and Cultural

(C) Cultural and Artificial

(D) Artificial and Social

120. To know the humidity of the atmosphere which instrument is necessary while teaching geography ?

(A) Thermometer

(B) Dry and wet thermometer

(C) Maximum and minimum thermometer

(D) Barometer



Teachingninja.in

121. କେଉଁ ବାୟୁମଣ୍ଡଳୀୟ ସ୍ତର ଆୟନ ଧାରଣ କରିଥାଏ ଏବଂ ବେତାର ଯୋଗାଯୋଗରେ ସାହାଯ୍ୟ କରିଥାଏ ?

(A) ମେସୋସ୍ଫିଅର

(B) ଥର୍ମୋସ୍ଫିଅର

(C) ଟ୍ରୋପୋସ୍ଫିଅର

(D) ଷ୍ଟ୍ରାଟୋସ୍ଫିଅର

122. କେଉଁ ତାପମାତ୍ରାରେ ଜଳର ସର୍ବାଧିକ ଘନତା ଥାଏ ?

(A) 100°C

(B) 4°C

(C) 0°C

(D) –4°C

123. ନିମ୍ନୋକ୍ତ କେଉଁ ରାଜ୍ୟଗୁଡ଼ିକ ନର୍ମଦା ନଦୀ ଶଯ୍ୟାରେ ନିର୍ମିତ ସର୍ଦ୍ଦାର ସରୋବର ନଦୀବନ୍ଧ ଦ୍ୱାରା ଉପକୃତ ହୁଅନ୍ତି ?

(A) ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜରାଟ

(B) ମହାରାଷ୍ଟ୍ର, ଗୁଜରାଟ, ପଞ୍ଜାବ ଏବଂ ହରିଆନା

(C) ଗୁଜରାଟ, ପଞ୍ଜାବ, ହରିଆନା ଏବଂ ମଧ୍ୟପ୍ରଦେଶ

(D) ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ରାଜସ୍ଥାନ

124. ନିମ୍ନଲିଖିତ ଖଣିଜଗୁଡ଼ିକ ମଧ୍ୟରୁ କେଉଁଟି ଝାଡ଼ଖଣ୍ଡର କୋଦର୍ମା ଠାରେ ଅଧିକ ଉତ୍ତୋଳିତ ହୋଇଥାଏ ?

(A) ଅଭ୍ର

(B) ବକ୍ସାଇଟ୍

(C) ଲୁହାପଥର

(D) ତମ୍ବା

121. Which atmospheric layer contains ions and helps in wireless communication ?

(A) Mesosphere

(B) Thermosphere

(C) Troposphere

(D) Stratosphere

122. Water has its maximum density at what temperature ?

(A) 100°C

(B) 4°C

(C) 0°C

(D) –4°C

123. Sardar Sarovar Dam built over Narmada River benefits which of the following States ?

(A) Andhra Pradesh, Maharashtra and Gujarat

(B) Maharashtra, Gujarat, Punjab and Haryana

(C) Gujarat, Punjab, Haryana and Madhya Pradesh

(D) Maharashtra, Madhya Pradesh, Gujarat and Rajasthan

124. Koderma, in Jharkhand is the leading producer of which one of the following minerals ?

(A) Mica

(B) Bauxite

(C) Iron ore

(D) Copper



Teachingninja.in

125. ଧାରା 32 ଭାରତୀୟ ସମ୍ବିଧାନର କେଉଁ ଭାଗ ଅଟେ ?

(A) ଭାଗ – I

(B) ଭାଗ – II

(C) ଭାଗ – III

(D) ଭାଗ – IV

126. ଭାରତୀୟ ସମ୍ବିଧାନର ଯୁଗ୍ମ ତାଲିକାର ଧାରଣା ନିମ୍ନ ମଧ୍ୟରୁ କେଉଁ ଦେଶର ସମ୍ବିଧାନରୁ ନିଆଯାଇଛି ?

(A) ଦକ୍ଷିଣ ଆଫ୍ରିକା

(B) ଅଷ୍ଟ୍ରେଲିଆ

(C) କାନାଡ଼ା

(D) ଜର୍ମାନ

127. କେଉଁ ପଦ୍ଧତି ଦ୍ୱାରା ଶୁଷ୍କ ଓ ଆର୍ଦ୍ର ବଲ୍ବ ଥର୍ମୋମିଟର ଦ୍ୱାରା ବାୟୁମଣ୍ଡଳର ଆର୍ଦ୍ରତା ମାପ କରାଯାଇ ଏକ ସାରଣୀରେ ପ୍ରକାଶ କରାଯାଏ ?

(A) ପରୀକ୍ଷାଗାର ପ୍ରଣାଳୀ

(B) ପର୍ଯ୍ୟବେକ୍ଷଣ

(C) ପରୀକ୍ଷଣ

(D) ଉପରୋକ୍ତ ସମସ୍ତ

128. ନିମ୍ନସ୍ଥ କେଉଁ ଉପକରଣଟି ଅନ୍ୟ ଉପକରଣ ଅପେକ୍ଷା ଅକ୍ଷାଂଶ ଦ୍ରାଘିମା ଶିକ୍ଷଣ ସମୟରେ ଅଧିକ ବ୍ୟବହାର ହୋଇପାରିବ ?

(A) ତାରରେ ନିର୍ମିତ ଫମ୍ପା ଗ୍ଲୋବ (ସ୍କେଲିଟାଲ୍ ଗ୍ଲୋବ)

(B) ସାଧାରଣ ଗ୍ଲୋବ

(C) ଚିତ୍ର

(D) କଳାପଟାରେ ଅଙ୍କନ

125. Article 32 belongs to which Part of the Indian Constitution ?

(A) Part – I

(B) Part – II

(C) Part – III

(D) Part – IV

126. The idea of the Concurrent List of Indian Constitution has been from the Constitution of which of the following countries ?

(A) South Africa

(B) Australia

(C) Canada

(D) Germany

127. Which method is appropriate to measure the humidity of the atmosphere by dry and wet bulb thermometer and mention it in a chart ?

(A) Laboratory

(B) Observation

(C) Experimental

(D) All of the above

128. Which of the following instrument must be used mostly than other instrument while teaching latitude and longitude ?

(A) Skeletal globe

(B) General globe

(C) Picture

(D) Drawing on blackboard



Teachingninja.in

129. ନିମ୍ନସ୍ଥ ମଧ୍ୟରୁ କେଉଁଟି ଏକ ଉତ୍ତମ ମାନଚିତ୍ର ପ୍ରକ୍ଷେପଣର ଦରକାରୀ ଉପାଦାନ ନୁହେଁ ?

(A) ସଠିକ କ୍ଷେତ୍ରଫଳ

(B) ସଠିକ୍ ଆକୃତି

(C) ସଠିକ ଦିଗ

(D) ସଠିକ ସଙ୍କେତ

130. ନିମ୍ନୋକ୍ତ କେଉଁ ଉଦ୍ଦେଶ୍ୟଟି ଭୂଗୋଳ ଶିକ୍ଷାଦାନରେ ଆବଶ୍ୟକ ଯାହାକି ଭୂଗୋଳ ସମ୍ପର୍କିତ ତଥ୍ୟ, ଧାରଣା, ନିୟମ, ନୀତି ବା ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ଅଟେ ?

(A) ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ

(B) ସ୍ୱଳ୍ପ ସମୟ ଉପଯୋଗୀ ଉଦ୍ଦେଶ୍ୟ

(C) ସାଧାରଣ ଉଦ୍ଦେଶ୍ୟ

(D) ଉପରୋକ୍ତ କୌଣସିଟି ନୁହେଁ

131. ଆକବରଙ୍କ ଦରବାରରେ ରାମାୟଣ କାବ୍ୟ, ପାର୍ସୀ ଭାଷାରେ କାହା ଦ୍ୱାରା ଅନୁବାଦ କରାଯାଇଥିଲା ?

(A) ଫଇଜି

(B) ଅବୁଲ୍ ଫଜି

(C) ବଦାୟୁନୀ

(D) ହାଜି ଇବ୍ରାହିମ୍ ସିରହିନ୍ଦୀ

132. ଐତିହାସିକ ସ୍ଥାନ 'ଚୌରି ଚୌରା' କେଉଁ ଜିଲ୍ଲାରେ ଅବସ୍ଥିତ ?

(A) ପ୍ରୟାଗରାଜ

(B) ଗୋରଖପୁର

(C) କାନପୁର

(D) ଆଗ୍ରା

129. Which of the following is not an essential feature of good map projection ?

(A) Correct area

(B) Correct shape

(C) Correct direction

(D) Correct symbol

130. Which of the following objective of teaching geography is necessary to know the facts, concepts, laws and principles of geography ?

(A) Specific objective

(B) Short term objective

(C) General objective

(D) None of the above

131. Ramayana was translated into Persian at Akbar's court by whom ?

(A) Faizi

(B) Abul Fazi

(C) Badayuni

(D) Haji Ibrahim Sirhindi

132. The historic place 'Chauri Chaura' is situated in which district ?

(A) Prayagraj

(B) Gorakhpur

(C) Kanpur

(D) Agra



Teachingninja.in

133. କେଉଁ ମସିହାରେ 'ବଙ୍ଗ ବିଭାଜନ' ବାତିଲ ହୋଇଥିଲା ?

(A) 1906

(B) 1909

(C) 1910

(D) 1911

134. ବୋରବନ୍ ରାଜବଂଶ, ଯାହା କି ଫରାସୀ ରାଷ୍ଟ୍ର ବିପ୍ଳବରେ ଗାଦିଚ୍ୟୁତ ହୋଇଥିଲା, ତାହା କେଉଁ ରାଜିନାମା ଅନୁସାରେ ପୁନଃ ପ୍ରତିଷ୍ଠା ହୋଇପାରିଥିଲା ?

(A) ଭିଏନା

(B) କନଷ୍ଟାଣ୍ଟିନୋପଲ୍

(C) ମାର୍ସେଲିସ୍

(D) ପ୍ରୁସିଆ

135. ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦ (NCERT) ୧୯୮୮ ମସିହାରେ ଉଚ୍ଚପ୍ରାଥମିକ ଶ୍ରେଣୀପାଇଁ ଦେଇଥିବା ମାର୍ଗଦର୍ଶିକାରେ ନିମ୍ନସ୍ଥ କେଉଁଟି ଇତିହାସ ଶିକ୍ଷାଦାନର ଉଦ୍ଦେଶ୍ୟଭାବରେ ସୁପାରିଶ କରାଯାଇଛି?

(A) ବୟସ ଭିତ୍ତିରେ ଭାରତୀୟ ସମାଜ ବିକାଶର କ୍ରମ ପରିବର୍ତ୍ତନର ପ୍ରମୁଖ ସୋପାନଗୁଡ଼ିକ ବୁଝିବେ

(B) ଶିକ୍ଷାର୍ଥୀମାନେ ସମାନ ଧରଣର ଐତିହାସିକ ତଥ୍ୟକୁ ବୁଝି ସେଗୁଡ଼ିକୁ ତର୍ଜମା କରିବେ ଏବଂ ଐତିହାସିକ ନିୟମ ପ୍ରଣୟନ କରିବେ

(C) ଶିକ୍ଷାର୍ଥୀମାନେ ପୃଥିବୀ ଇତିହାସର ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକ ଜାଣିବେ

(D) ଇତିହାସର କେତେକ ଉତ୍ସ ଦେଲେ, ଶିକ୍ଷାର୍ଥୀମାନେ ସେଥିରୁ ଇତିହାସ ସୃଷ୍ଟି କରିବାକୁ ସକ୍ଷମ ହେବେ

133. The partition of Bengal was cancelled in which year ?

(A) 1906

(B) 1909

(C) 1910

(D) 1911

134. The Bourbon dynasty, which had been deposed during the French Revolution, was restored to power after signing the treaty of

(A) Vienna

(B) Constantinople

(C) Marseilles

(D) Prussia

135. Which of the following is the objective of teaching history as suggested in guidelines for upper primary stage by NCERT in 1988 ?

(A) To promote an understanding of the major stages in the evolution of Indian society through the ages

(B) Given certain historical happening of similar type and pupils should analyse their causes and develop historical laws

(C) Pupils should know the significant facts in world history

(D) Given certain sources of history, pupil should able to construct history out of them



Teachingninja.in

136. ଇତିହାସ ଶିକ୍ଷା ଦାନ ସମୟରେ କେଉଁଟି ପ୍ରକଳ୍ପ ପଦ୍ଧତିର ଏକ ସାଧାରଣ ନିୟମ ନୁହେଁ ?

(A) କାର୍ଯ୍ୟଭିତ୍ତିକ

(B) ଗଳ୍ପ କଥନ

(C) ଲକ୍ଷ୍ୟଭିତ୍ତିକ

(D) ଅଭିଜ୍ଞତାଭିତ୍ତିକ

136. Which is not a basic principle in project method when teaching history ?

(A) Activity

(B) Narration of story

(C) Purpose

(D) Experience

137. ଭାରତ କେତୋଟି ଭୂକମ୍ପ ଅଞ୍ଚଳରେ ବିଭକ୍ତି ହୋଇଛି ?

(A) 4

(B) 2

(C) 6

(D) 5

137. India is divided into how many earthquake zones (seismic zones) ?

(A) 4

(B) 2

(C) 6

(D) 5

138. ନିମ୍ନଲିଖିତ ମଧ୍ୟରୁ କେଉଁଟି ପୃଥିବୀର ତାପମାତ୍ରା ବଣ୍ଟନକୁ ପ୍ରଭାବିତ କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରକ ଅଟେ ?

(A) ଇନସୋଲେସନ୍ (ବିଚ୍ଛିନ୍ନତା)

(B) ସୌର ବିକିରଣ

(C) ଭୂତଳ ବିକିରଣ

(D) କୌଣସିଟି ନୁହେଁ

138. Which one of the following is the most important factor that influences the distribution of temperature on the earth ?

(A) Insolation

(B) Solar radiation

(C) Terrestrial radiation

(D) None of the above

139. ନିମ୍ନଲିଖିତ କେଉଁ ଆଇନ ମଣ୍ଟେଗୁ – ଚେମସଫୋର୍ଡ୍ ରିପୋର୍ଟ ଆଧାରରେ ହୋଇଅଛି ?

(A) ଭାରତ ସରକାରଙ୍କ 1892 ମସିହା ଆଇନ

(B) ଭାରତ ସରକାରଙ୍କ 1909 ମସିହା ଆଇନ

(C) ଭାରତ ସରକାରଙ୍କ 1919 ମସିହା ଆଇନ

(D) ଭାରତ ସରକାରଙ୍କ 1935 ମସିହା ଆଇନ

139. Which of the following Act was based on Montague-Chelmsford Report ?

(A) Government of India Act, 1892

(B) Government of India Act, 1909

(C) Government of India Act, 1919

(D) Government of India Act, 1935



Teachingninja.in

140. କେଉଁ ଦେଶ ସର୍ବପ୍ରଥମେ ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ମତଦାନ ବା ଭୋଟିଂ ଅଧିକାର ଅନୁମୋଦନ କରିଥିଲା ?

(A) ଯୁକ୍ତରାଷ୍ଟ୍ର ଆମେରିକା

(B) ଋଷିଆ

(C) ଭାରତ

(D) ନିଉଜିଲ୍ୟାଣ୍ଡ

141. ଇତିହାସ ଶିକ୍ଷାଦାନରେ "ମୁଦ୍ରା" ର ଉତ୍ସ କ'ଣ ?

(A) ଭାଷା ସାହିତ୍ୟ

(B) ନୃତତ୍ତ୍ୱ

(C) ପ୍ରତ୍ନତତ୍ତ୍ୱ

(D) କୌଣସିଟି ନୁହେଁ

142. ନିମ୍ନସ୍ଥ କେଉଁ ବିଭାଗଟି ଜଣେ ଶିକ୍ଷାର୍ଥୀ ଇତିହାସ ସଂଗ୍ରହାଳୟରେ ପାଇବ ନାହିଁ ?

(A) ଭୂତତ୍ତ୍ୱ ଇତିହାସ

(B) ସ୍ଥାନୀୟ ଇତିହାସ

(C) ଜାତୀୟ ଇତିହାସ

(D) ଆନ୍ତର୍ଜାତୀୟ ଇତିହାସ

143. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭୂଗୋଳ ଶିକ୍ଷଣର ଏକ ପଦ୍ଧତି ନୁହେଁ ?

(A) ନାଟ୍ୟାଭିନୟ

(B) ପ୍ରକଳ୍ପ

(C) ପର୍ଯ୍ୟବେକ୍ଷଣ

(D) କ୍ଷେତ୍ର ପରିଭ୍ରମଣ

140. The first country to allow Voting Rights for all groups of people was

(A) USA

(B) Russia

(C) India

(D) New Zealand

141. What is the source of "coin" in teaching history ?

(A) Literary source

(B) Anthropological source

(C) Archaeological source

(D) None of the above

142. Which of the following section a student cannot found in a history museum ?

(A) Geological history

(B) Local history

(C) National history

(D) International history

143. Which of the following is not a method of teaching geography ?

(A) Dramatization

(B) Project

(C) Observation

(D) Field trip



Teachingninja.in

144. ଭୂଗୋଳ ଶିକ୍ଷଣରେ କେଉଁଟି ଅନ୍ୟଗୁଡ଼ିକ ଠାରୁ ଭିନ୍ନ?

(A) ପାଠ୍ୟ ପୁସ୍ତକ

(B) ଗ୍ଲୋବ୍

(C) ମାନଚିତ୍ର

(D) ସାରଣୀ

145. ଉତ୍ତର ପ୍ରଦେଶର ଜଳବାୟୁକୁ _____ ବୋଲି କୁହାଯାଇପାରେ ।

(A) ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ

(B) ନାତିଶୀତୋଷ୍ଣ ଜଳବାୟୁ

(C) ଶୁଷ୍କ ଜଳବାୟୁ

(D) କ୍ରାନ୍ତୀୟ ଆର୍ଦ୍ର ଜଳବାୟୁ

146. କେଉଁଟି ବିଶ୍ୱର ସର୍ବାଧିକ ୟୁରାନିୟମ୍ ଉତ୍ପାଦନକାରୀ ଦେଶ ?

(A) ଯୁକ୍ତରାଷ୍ଟ୍ର ଆମେରିକା

(B) ଭାରତ

(C) କାଜାଖସ୍ତାନ

(D) ଉଜବେକିସ୍ତାନ

147. ନିମ୍ନସ୍ଥ ମଧ୍ୟରୁ କେଉଁଟି ଇତିହାସ ଶିକ୍ଷାଦାନରେ ଗଳ୍ପ କଥନ ପଦ୍ଧତିରେ ଗଳ୍ପର ଏକ ପ୍ରକାର ନୁହେଁ ?

(A) ସତ୍ୟ ଆଧାରିତ

(B) କିମ୍ବଦନ୍ତୀ

(C) ପୌରାଣିକ

(D) ଜୀବନୀ

144. Find the odd one out in respect of geography teaching.

(A) Textbook

(B) Globe

(C) Map

(D) Charts

145. Uttar Pradesh's climate can be referred as

(A) Humid subtropical climate

(B) Temperate climate

(C) Dry climate

(D) Tropical wet climate

146. Which is the largest uranium producing country in the world ?

(A) USA

(B) India

(C) Kazakhstan

(D) Uzbekistan

147. Which of the following is not a type of story in story-telling method of teaching history ?

(A) True story

(B) Legends

(C) Myth

(D) Biography



Teachingninja.in

148. ନିମ୍ନୋକ୍ତ ମଧ୍ୟରୁ କେଉଁ ସ୍ଥାନ ସଙ୍କେତଟି ଇତିହାସ ଶିକ୍ଷାଦାନ ସମୟରେ ସମୟରେଖା ଅଙ୍କନ କରିବାରେ ସାହାଯ୍ୟ କରେ ନାହିଁ ?

(A) ନିର୍ଦ୍ଦିଷ୍ଟ ସ୍ଥାନ

(B) ସମୟ ଅବଧି

(C) ଦୂରତ୍ୱ

(D) ବର୍ଣ୍ଣନା

149. ନିମ୍ନ ମଧ୍ୟରୁ କେଉଁ ଅରଣ୍ୟ ଓଡ଼ିଶାରେ ଦେଖାଯାଏ ନାହିଁ ?

(A) କ୍ରାନ୍ତୀୟ ଅର୍ଦ୍ଧଚିରହରିତ ଅରଣ୍ୟ

(B) କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ

(C) କ୍ରାନ୍ତୀୟ କଣ୍ଟାବୁଦା ଓ ଗୁଳ୍ମ ଅରଣ୍ୟ

(D) ଉପକୂଳବର୍ତ୍ତୀ ଜୁଆରିଆ ଅରଣ୍ୟ

150. ଅଭୟାରଣ୍ୟ ପାଇଁ ନିମ୍ନୋକ୍ତ କେଉଁ ତଥ୍ୟଟି ଠିକ୍ ନୁହେଁ ?

(A) ଏହାର ସୀମା ଭିତରେ ପଶୁ ଚାରଣ ନିଷେଧ କରାଯାଇଛି

(B) ଏଥିରେ କମ୍ ସୁରକ୍ଷାର ବ୍ୟବସ୍ଥା ରହିଛି

(C) ଏଥିରେ ବନ୍ୟପ୍ରାଣୀଙ୍କର ସୁରକ୍ଷା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇଥାଏ

(D) ଏଥିରେ କିଛି ଉତ୍ତମ ଉପାଦେୟ କାର୍ଯ୍ୟପାଇଁ ଭୂମି ଉପଯୋଗ କରିବା ନିମନ୍ତେ ଅନୁମତି ଦିଆଯାଇଥାଏ

148. Which of the following is not a space symbol which helps us to draw time line in teaching history ?

(A) Location

(B) Duration

(C) Distance

(D) Description

149. Which of the following forests is not found in Odisha ?

(A) Tropical semi evergreen forest

(B) Tropical wet deciduous forest

(C) Tropical thorn and shrub forest

(D) Coastal tidal forest

150. Which of the following statements is not true for sanctuary ?

(A) Cattle grazing is prohibited within its boundary

(B) It has less security features

(C) It allows various programmes for protection of the wildlife

(D) It allows the land to be used for certain beneficial purposes



Teachingninja.in